# Official Spokesperson's response to a media query regarding comments made on recent incidents of violence in Delhi

February 27, 2020

---

## ଦିଲ୍ଲୀରେ ଘଟିଥିବା ହିଂସା ପ୍ରସଙ୍ଗରେ ମନ୍ତବ୍ୟ ସମ୍ପର୍କରେ ଗଣମାଧ୍ୟମର ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

**ଫେବୃଆରୀ 27, 2020**

**ଦିଲ୍ଲୀରେ ସମ୍ପ୍ରତି ଘଟିଥିବା ହିଂସା ପ୍ରସଙ୍ଗରେ ମନ୍ତବ୍ୟ ସମ୍ପର୍କରେ ଏକ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ରବୀଶ କୁମାର କହିଛନ୍ତି ଯେ,**

"ଦିଲ୍ଲୀରେ ସମ୍ପ୍ରତି ଘଟିଥିବା ହିଂସା ପ୍ରସଙ୍ଗରେ ଆମେ ଆମେରିକୀୟ ଅନ୍ତର୍ଜାତୀୟ ଧାର୍ମିକ ସ୍ୱତନ୍ତ୍ରତା ଆୟୋଗ (ୟୁଏସସିଆଇଆରଏଫ), ଗଣମାଧ୍ୟମର ବିଭାଗ ଏବଂ କିଛି ବ୍ୟକ୍ତିବିଶେଷଙ୍କ ମନ୍ତବ୍ୟ ଜାଣିବାକୁ ପାଇଛୁ। ଏଗୁଡ଼ିକ ବାସ୍ତବରେ ଭୁଲ ଓ ବିଭ୍ରାନ୍ତିକର ଏବଂ ଏହି ପ୍ରସଙ୍ଗର ରାଜନୀତିକରଣ କରିବାର ଉଦ୍ଦେଶ୍ୟ ଥିବା ପରି ମନେହୁଏ। ହିଂସାକୁ ରୋକିବା ଏବଂ ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଫେରେଇ ଆଣିବା ଏବଂ ସ୍ୱାଭାବିକ ସ୍ଥିତି ସୁନିଶ୍ଚିତ କରିବା ପାଇଁ ଆମର ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଭୂମି ସ୍ତରରେ କାର୍ଯ୍ୟ କରୁଛନ୍ତି। ଏହି ପ୍ରକ୍ରିୟାରେ ସରକାରଙ୍କ ବରିଷ୍ଠ ପ୍ରତିନିଧୀମାନେ ଜଡିତ ଅଛନ୍ତି। ଶାନ୍ତି ଏବଂ ଭାଇଚାରା ବଜାୟ ରଖିବା ପାଇଁ ପ୍ରଧାନମନ୍ତ୍ରୀ ସର୍ବସାଧାରଣରେ ନିବେଦନ କରିଛନ୍ତି। ଏହି ସମ୍ବେଦନଶୀଳ ସମୟରେ ଦାୟିତ୍ୱହୀନ ମନ୍ତବ୍ୟ ନଦେବା ପାଇଁ ଆମେ ଅନୁରୋଧ କରୁଛୁ।"

**ନୂଆଦିଲ୍ଲୀ**

**ଫେବୃଆରୀ 27, 2020**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.